# ସତ୍ୟବାର୍ତ୍ତା

## THE VOICE OF TRUTH

JAN - FEB
1996

AN ORIYA BIMONTHLY BULLETIN
PUBLISHED BY THE CHURCH OF CHRIST

# ସତ୍ୟବାଣୀ

(The Voice of Truth)

## CHURCH OF CHRIST

P.O. Box No. 80, KAKINADA,

A.P. -533 001.

Ph. 0884-63722

**Vol. 1. January & February 1996 No. 1**

Published every two months in

ORIYA Language for the Restoration of pure

New Testament Christianity

# ଈଶ୍ୱର କହି ଅଛନ୍ତି

# GOD HATH SPOKEN

ଏହି ସୁପରିଚିତ ପଦ ପୁରାତନ ନିୟମର ପ୍ରତ୍ୟେକ ପୃଷ୍ଠାରେ ଦେଖି ପାରୁ । ଏହି ଅନୁଗ୍ରହର ଯୁଗରେ ଈଶ୍ୱର କିପରି କଥା କହୁଅଛନ୍ତି, ଏହା ଖ୍ରୀଷ୍ଟ ଜଗତର ଏକ ମତ ଭେଦର କାରଣ । ପୂର୍ବକାଳ ସଦୃଶ୍ୟ ଏବେ ମଧ୍ୟ ଈଶ୍ୱର ଆମ୍ଭମାନଙ୍କ ସହିତ ମୁଖାମୁଖୀ କଥା କହନ୍ତି ବୋଲି ଅନେକ ବିଶ୍ୱାସ କରି ଥାନ୍ତି । ଆଉ କେତେକ ଈଶ୍ୱର ତାହାଙ୍କ ଇଚ୍ଛା ସ୍ୱପ୍ନ ଓ ଦର୍ଶନ ଦ୍ୱାରା ପ୍ରକଟ କରୁ ଅଛନ୍ତି ବୋଲି ଯୁକ୍ତି କରି ଥାନ୍ତି । ଈଶ୍ୱର ଆପଣା ମହାଶକ୍ତି ଦ୍ୱାରା ଆମ୍ଭମାନଙ୍କ ହୃଦୟ ସ୍ପର୍ଶ କରି ଉତ୍ତମ ମାର୍ଗରେ ଚାଲିବାକୁ ନିର୍ଦ୍ଦେଶ ଦିଅନ୍ତି ବୋଲି ଆଉ କେତେକଙ୍କ ମତ । ବିଭିନ୍ନ ମନୁଷ୍ୟମାନଙ୍କ ପ୍ରଚଳିତ ବିଭିନ୍ନ ମତ ଦ୍ୱାରା ମନୁଷ୍ୟମାନେ ଆପଣା ଆପଣାକୁ ପ୍ରବଞ୍ଚିତ କରି ଆସୁଅଛନ୍ତି, ଏହି ବିଷୟରେ ଈଶ୍ୱରଙ୍କ ବାକ୍ୟ କଅଣ କହେ, ଈଶ୍ୱରଙ୍କ ବାକ୍ୟରୁହିଁ ଜାଣି ପାରିବା ।

ସଦା ପ୍ରଭୁ ସବୁ କାଳରେ, ସବୁ ସମୟରେ ମନୁଷ୍ୟମାନଙ୍କ ସହିତ କଥା କହି ଆସୁଅଛନ୍ତି । ଆଧୁନିକ ଯୁଗ ତାହାର ବ୍ୟତିରେକ ନୁହେଁ । ବିଭିନ୍ନ କାଳରେ ବିଭିନ୍ନ ପ୍ରକାରେ ସଦାପ୍ରଭୁ ମନୁଷ୍ୟମାନଙ୍କ ସହିତ କଥା କହି ଆସୁଅଛନ୍ତି । ଏବ୍ରୀ ପୁସ୍ତକ କର୍ତ୍ତା ଆପଣା ପୁସ୍ତକ ଏହି ପଦ ଗୁଡ଼ିକରୁ ଆରମ୍ଭ କରନ୍ତି, "ଈଶ୍ୱର ପୂର୍ବକାଳରେ ବିଭିନ୍ନ ଭାଗରେ, ଓ ବିଭିନ୍ନ ପ୍ରକାରେ ଭାବବାଦୀମାନଙ୍କ ଦ୍ୱାରା ପିତୃପୁରୁଷମାନଙ୍କୁ କଥା କହି ଅଛନ୍ତି, ତାହାଙ୍କୁ ସେ ସମସ୍ତ ବିଷୟର ଅଧିକାରୀ କରି ନିଯୁକ୍ତ କଲେ ତାହାଙ୍କ ଦ୍ୱାରା ମଧ୍ୟ ସମସ୍ତ ବିଶ୍ୱ ସୃଷ୍ଟି କଲେ ।" ଏହି ବାକ୍ୟରେ ଈଶ୍ୱର ପୂର୍ବକାଳରେ କିପରି କଥା କହୁଥିଲେ ଓ ଏହି 'ଶେଷକାଳ'ରେ କିପରି କଥା କହି ଅଛନ୍ତି ତାହାର ପ୍ରଭେଦ ଜାଣି-

ପାରୁ । ମୋଶାଙ୍କ ବ୍ୟବସ୍ଥା ପ୍ରଚଳନ ଥିବା ସମୟ ତଥା ତା'ପୂର୍ବ ସମୟ ପୁରାତନ ନିୟମର କାଳ ବା ପୂର୍ବକାଳ । ଯୀଶୁଖ୍ରୀଷ୍ଟଙ୍କ ମୃତ୍ୟୁ ଓ ପୁନରୁତ୍ଥାନର ସମୟ 'ଶେଷକାଳ' ବୋଲି ପ୍ରେରିତ ୨:୧୪-୨୧ ପଦ ଗୁଡ଼ିକରେ ଜାଣିପାରୁ । ସଦାପ୍ରଭୁ ଆପଣା ଅଦ୍ୱିତୀୟ ପୁତ୍ର ଯୀଶୁଖ୍ରୀଷ୍ଟଙ୍କ ଦ୍ୱାରା ଆମ୍ଭମାନଙ୍କ ସହିତ କଥା କହୁଅଛନ୍ତି । ଯୀଶୁଖ୍ରୀଷ୍ଟ ରୂପାନ୍ତରିତ ହେବା ସମୟରେ, ବ୍ୟବସ୍ଥାର ପ୍ରତିନିଧି ମୋଶା ଓ ଭବିଷ୍ୟଦ୍‌ବକ୍ତାମାନଙ୍କ ପ୍ରତିନିଧି ଏଲିୟ ଏବଂ ପିତର, ଯୋହନ, ଯାକୁବଙ୍କ ସମ୍ମୁଖରେ ପିତା ଈଶ୍ୱର କହିଲେ "ଏ ଆମ୍ଭର ପ୍ରିୟ ପୁତ୍ର, ଏହାଙ୍କ ଠାରେ ଆମ୍ଭର ପରମ ସନ୍ତୋଷ, ଏହାଙ୍କ ବାକ୍ୟ ଶ୍ରବଣ କର ।" ( ମାଥିଉ ୧୭:୫) । ଏହି ବାକ୍ୟ ଦ୍ୱାରା ଆମ୍ଭେମାନେ କାହାର ବାକ୍ୟ ଶୁଣିବା ଆବଶ୍ୟକ ପିତା ଈଶ୍ୱର ସ୍ପଷ୍ଟଭାବେ ପ୍ରକଟ କରିଅଛନ୍ତି । ତେବେ ତାହାଙ୍କ ପ୍ରିୟ ପୁତ୍ରଙ୍କ ବାକ୍ୟ ଏବେ ଆଧୁନିକ ଯୁଗରେ ଆମ୍ଭେମାନେ କିପରି ଶୁଣି ପାରିବା ?

ପ୍ରେରିତ ଯୋହନ ସୁସମାଚାରର ଏପରି ଭାବେ ଆରମ୍ଭ କରନ୍ତି "ଆଦ୍ୟରେ ବାକ୍ୟ ଥିଲେ, ବାକ୍ୟ ଈଶ୍ୱରଙ୍କର ସାଙ୍ଗରେ ଥିଲେ ।" (ଯୋହନ ୧:୧) । ସେହି ବାକ୍ୟ ଯୀଶୁଖ୍ରୀଷ୍ଟ ଅଟନ୍ତି ବୋଲି ତା'ପର ବାକ୍ୟ ଗୁଡ଼ିକରୁ ସ୍ପଷ୍ଟ ହୁଏ । ଯୀଶୁଖ୍ରୀଷ୍ଟ ପିତା ପରମେଶ୍ୱରଙ୍କ ଦ୍ୱାରା ଏହି ଜଗତକୁ ପ୍ରେରିତ ହେବା ପୂର୍ବେ, ତାହାଙ୍କ ସହିତ ଥିଲେ । ଯୋହନ ୧୨:୪୯ ପଦରେ ସେ କହନ୍ତି, "କାରଣ ମୁଁ ଆପଣା ଠାରୁ କହି ନାହିଁ, ମାତ୍ର ମୁଁ କଅଣ କହିବି ଓ କଅଣ ବ୍ୟକ୍ତ କରିବି, ତାହା ମୋହର ପ୍ରେରଣକର୍ତ୍ତା ପିତା ମୋତେ ଆଜ୍ଞା ଦେଇଅଛନ୍ତି ।" ଯୀଶୁ-ଖ୍ରୀଷ୍ଟଙ୍କ ସ୍ୱର୍ଗାରୋହଣ ପରେ ସେ ଆମ୍ଭମାନଙ୍କ ସହିତ କିପରି କଥା କହୁ ଅଛନ୍ତି ? ଯୀଶୁଖ୍ରୀଷ୍ଟଙ୍କ ପ୍ରସ୍ଥାନ ପରେ ସାହାଯ୍ୟକାରୀ ସତ୍ୟମୟ ଆତ୍ମାଙ୍କୁ ପ୍ରେରଣ କରିବେ ବୋଲି ପ୍ରତିଜ୍ଞା କରିଥିଲେ । ପିତା ପରମେଶ୍ୱରଙ୍କ ଠାରୁ ବହିର୍ଗତ ସେହି ସତ୍ୟମୟ ସାହାଯ୍ୟକାରୀ ଆତ୍ମା ଯୀଶୁଖ୍ରୀଷ୍ଟଙ୍କ କଥିତ ସମସ୍ତ ବାକ୍ୟ ଶିଷ୍ୟମାନଙ୍କ ସ୍ମରଣ କରାଇ ସମସ୍ତ

ସତ୍ୟ ପଥରେ କଢ଼ାଇ ନେବା ନିମନ୍ତେ ପ୍ରେରିତ ହୋଇଥିଲେ । (ଯୋହନ ୧୫:୨୬, ୧୬:୭, ୧୩) । ତାହାଙ୍କ ଆଗମନର ବିବରଣ ଆମ୍ଭେମାନେ ପ୍ରେରିତ ଦ୍ୱିତୀୟ ଏବଂ ପ୍ରଥମ ଚାରି ପଦରେ ପଢ଼ିପାରୁ ଥାଉଁ । ତାହାଙ୍କ ଶିଷ୍ୟମାନେ ପବିତ୍ର ଆତ୍ମାଙ୍କ ଦ୍ୱାରା ବାପ୍ତିଜିତ ହେବା ସାଙ୍ଗେ ସାଙ୍ଗେ ହସ୍ତାର୍ପଣ କରିବାର ଅଧିକାର ଶକ୍ତି ମଧ୍ୟ ପ୍ରାପ୍ତ ହୋଇ ଥିଲେ । ତାହାଙ୍କ ଶକ୍ତି ଦ୍ୱାରା ସେମାନେ ପ୍ରଥମ ଶତାବ୍ଦୀରେ ଯୀଶୁ-ଖ୍ରୀଷ୍ଟଙ୍କୁ ନିର୍ଭୀକଭାବେ ପ୍ରଚାର କରି ପାରିଥିଲେ । ସେହି ସାହାଯ୍ୟକାରୀ ସତ୍ୟମୟ ଆତ୍ମାଙ୍କ ନିର୍ଦ୍ଦେଶନାରେ ସୁସମାଚାରର ବିବରଣ ଗୁଡ଼ିକ ଶିଷ୍ୟମାନଙ୍କ ଦ୍ୱାରା ଆମ୍ଭମାନଙ୍କ ନିମନ୍ତେ ଲିଖିତ ହୋଇଅଛି । ଯେପରି ପାଉଲ କହନ୍ତି, "ଯେଣୁ ମୁଁ ତାହା ମନୁଷ୍ୟ ଠାରୁ ପାଇନାହିଁ କିଅବା ଶିକ୍ଷା କରିନାହିଁ, କିନ୍ତୁ ଯୀଶୁଖ୍ରୀଷ୍ଟଙ୍କ ପ୍ରତ୍ୟାଦେଶ ଦ୍ୱାରା ପାଇଥାନ୍ତି ।" ( ଗାଲାତୀ ୧ : ୧୨ ) ।

ପବିତ୍ର ଆତ୍ମାଙ୍କ ପ୍ରତ୍ୟାଦେଶ ଦ୍ୱାରା ପବିତ୍ର ବାଇବଲ ଲିଖିତ ହୋଇଅଛି, ଯାହାକୁ ସ୍ୱାଧୀନତାର ବ୍ୟବସ୍ଥା ରୂପେ ଯାକୁବ ନାମିତ କରି ଅଛନ୍ତି । (ଯାକୁବ ୧:୨୫) । ପାଉଲଙ୍କ ଭାଷାରେ; "ସମସ୍ତ ଶାସ୍ତ୍ର ଈଶ୍ୱର ନିଶ୍ୱସିତ ଏବଂ ଶିକ୍ଷା, ଅନୁଯୋଗ, ସଂଶୋଧନ ଓ ଧାର୍ମିକତା ସମ୍ବନ୍ଧୀୟ ଶାସନ ନିମନ୍ତେ ଉପକାରୀ, ଯେପରି ଈଶ୍ୱରଙ୍କ ଲୋକ ସିଦ୍ଧ ହୋଇ ସମସ୍ତ ଉତ୍ତମକାର୍ଯ୍ୟ ନିମନ୍ତେ ସୁସଜ୍ଜିତ ହୁଏ ।" (୨ୟ ତୀମଥି ୩:୧୬,୧୭) । ଯେ ଆପଣା ଗୌରବ ଓ ସଦ୍‌ଗୁଣରେ ଆମ୍ଭମାନଙ୍କୁ ଆହ୍ୱାନ କରି ଅଛନ୍ତି, ତାହାଙ୍କ ବିଷୟକ ଜ୍ଞାନ ଦ୍ୱାରା ତାହାଙ୍କ ଐଶ୍ବରିକ ଶକ୍ତି ଆମ୍ଭ-ମାନଙ୍କୁ ଜୀବନ ଓ ଧର୍ମପରାୟଣତା ନିମନ୍ତେ ସମସ୍ତ ଆବଶ୍ୟକୀୟ ବିଷୟ ଦାନ କରି ଅଛନ୍ତି । (୨ୟ ପିତର ୧ : ୩ ) । ୧ମ କରିନ୍ଥୀ ୧୩ : ୧୦ ପଦରେ ସିଦ୍ଧ ବିଷୟ ଲୋପ ପାଇବ ବୋଲି ଲେଖା ଯାଇଅଛି । ସିଦ୍ଧ ଅର୍ଥାତ୍ ସ୍ୱାଧୀନତାର ବ୍ୟବସ୍ଥା କିଅବା ଖ୍ରୀଷ୍ଟଙ୍କ ବାକ୍ୟ ଲିଖିତ ହେବା-ପରେ ସ୍ୱପ୍ନ, ଦର୍ଶନ, ଦୈବବାଣୀର ଆବଶ୍ୟକତା ରହିବ ନାହିଁ । କାରଣ ପିତା ପରମେଶ୍ୱର ତାହାଙ୍କ ପୁତ୍ର ଯୀଶୁଖ୍ରୀଷ୍ଟଙ୍କ ବାକ୍ୟ ଦ୍ୱାରା

ଅମ୍ଭମାନଙ୍କ ସହିତ କଥା କହୁ ଅଛନ୍ତି । ତେଣୁକରି ତାହାଙ୍କ ବାକ୍ୟ ଧ୍ୟାନ ଓ ଶ୍ରବଣ କରିବା ଦ୍ୱାରା ଆମ୍ଭମାନଙ୍କ ହୃଦୟରେ ବିଶ୍ୱାସ ଜାତ ହୁଏ । (ରୋମୀୟ ୧୦:୧୭) । ବିଶ୍ୱାସ କରି ପରିତ୍ରାଣ ପାଇବା ନିମନ୍ତେ ଆମ୍ଭମାନଙ୍କୁ କଅଣ କରିବାକୁ ହେବ ଈଶ୍ୱର ମାର୍କ ୧୬:୧୫,୧୬ ପଦ ଗୁଡ଼ିକ ଦ୍ୱାରା ଜଣାଇ ଦେଇ ଅଛନ୍ତି । ବାପ୍ତିଜିତ ହୋଇ ପରିତ୍ରାଣ ପ୍ରାପ୍ତହେବା ଲୋକେ ତାହାଙ୍କ ଦ୍ୱାରା ମଣ୍ଡଳୀର ସଂଯୁକ୍ତ ହୁଅନ୍ତି ବୋଲି ପ୍ରେରିତ ୨:୪୭ ମଦଦ୍ୱାରା ଜାଣିପାରୁ । ତାହା କେବଳ ନୁହେଁ, ତାହାଙ୍କ ବାକ୍ୟ ଦ୍ୱାରା ଆରାଧନାର ପଦ୍ଧତି, ପ୍ରକୃତ ଖ୍ରୀଷ୍ଟୀୟ ଜୀବନର ସୂତ୍ର ତଥା ଆଗାମୀ ଜୀବନ ବିଷୟରେ ଜାଣି ପାରିଥାଉଁ । ସମସ୍ତ ଜଗତରେ ସମସ୍ତ ଜାତି ନିକଟରେ ତାହାଙ୍କ ବାକ୍ୟ ପ୍ରଚାର କରିବାର ଆଜ୍ଞା ମାଥିଉ ୨୮: ୧୯, ୨୦; ତଥା ମାର୍କ ୧୬ : ୧୫, ୧୬ ପଦ ଗୁଡ଼ିକ ଦ୍ୱାରା ପ୍ରତ୍ୟେକ ଖ୍ରୀଷ୍ଟିୟାନଙ୍କୁ ଜଣାଇ ଅଛନ୍ତି, ତାହା କେବଳ ନୁହେଁ, ତାହାଙ୍କ ସୁସମାଚାରକୁ ବିକୃତ କରି ପ୍ରଚାର କରିବା ଲୋକେ ଦଣ୍ଡିତ ହେବେ (ଗାଲାତୀ ୧:୬-୯) । ତାହାଙ୍କ ବାକ୍ୟରେ ଯୋଗ ବା ବିଯୋଗ କରିବାକୁ କାହାକୁ ଅଧିକାର ଦିଆଯାଇ ନାହିଁ (ପ୍ରକାଶିତ ୨୨:୧୮,୧୯) । ସେହି ବାକ୍ୟ ଦ୍ୱାରା ପ୍ରତ୍ୟେକ ମନୁଷ୍ୟ ବିଚାରିତ ହେବେ । ( ଯୋହନ ୧୨ : ୪୮ ) ।

ପରମେଶ୍ୱର ପୂର୍ବକାଳରେ କଥା କହିଥିଲେ, ଏବଂ ବର୍ତ୍ତମାନ ତାହାଙ୍କ ପୁତ୍ରଙ୍କ ବାକ୍ୟ ଦ୍ୱାରା ଆମ୍ଭମାନଙ୍କ ସହିତ କଥା କହି ଅଛନ୍ତି । ଅନାଦି ଓ ଅନନ୍ତ ପିତା ପରମେଶ୍ୱର ଆଜି, କାଲି ଓ ନିରନ୍ତର ସମାନ ଅଟନ୍ତି । ତାହାଙ୍କ ବାକ୍ୟ ଚିରସ୍ଥାୟୀ ଓ ଅପରିବର୍ତ୍ତନୀୟ । ଆକାଶ ମଣ୍ଡଳ ଲୋପ ପାଇବ କିନ୍ତୁ ତାହାଙ୍କ ବାକ୍ୟ ଲୋପ ପାଇବ ନାହିଁ । ସର୍ବଶକ୍ତି ପିତା ପରମେଶ୍ୱର ତାହାଙ୍କ ପୁତ୍ରଙ୍କ ବାକ୍ୟ ଦ୍ୱାରା ଆମ୍ଭମାନଙ୍କ ସହିତ ଆଜି କଥା କହୁ ଅଛନ୍ତି । ନ୍ୟାୟବାଦୀ ସଦାପ୍ରଭୁ ନିକଟରେ ପ୍ରତ୍ୟେକ ମନୁଷ୍ୟ ସମାନ । ବିଭିନ୍ନ ବ୍ୟକ୍ତିମାନଙ୍କ ବିଭିନ୍ନ ନିୟମ ସେ

ସ୍ଥାପନ କରି ନାହାନ୍ତି । ଦୁଇ ହଜାର ବର୍ଷ ପୂର୍ବେ ତାହାଙ୍କ କଥିତ ବାକ୍ୟ ଚିରନ୍ତନ ଓ ଅପରିବର୍ତ୍ତନ ବାକ୍ୟର ଆଜ୍ଞାବଦ୍ଧ ହେବା ଦ୍ୱାରା ଆମ୍ଭେମାନେ ପରିତ୍ରାଣ ପାଇ ପାରୁ ।

—J. C. Choate

—:o:—

## ଅସମାନ୍ୟ ଭାବବାଦୀ

### ( A prophet like none other )

ଦୀର୍ଘ ଅଣୀଏ ବର୍ଷ କାଳ ଈଶ୍ରାୟେଲ ଗୋଷ୍ଠୀର ନେତୃତ୍ୱ ବହନକରି ମୃତ୍ୟୁଭୋଗ କରିବା ପରେ ମୋଶା ଏକ୍ସ ସମ୍ମାନର ଅଧିକାରୀ ହୋଇଥିଲେ । ଚାରିଶହ ବର୍ଷ ମିଶରର ଦାସତ୍ୱରେ ଥିବା ଈଶ୍ରାୟେଲ ଗୋଷ୍ଠୀକୁ ମିଶରରୁ ବାହାର କରି ଆଣିବାରେ ସଦାପ୍ରଭୁ ମୋଶାଙ୍କ ହସ୍ତ ବଳବାନ କରିଥିଲେ । ପ୍ରାନ୍ତରରେ ତାହାଙ୍କ ମୃତ୍ୟୁପରେ ଈଶ୍ରାୟେଲ ପ୍ରତିଜ୍ଞାତ ଦେଶରେ ପଦାର୍ପଣ କରିବାକୁ ଆରମ୍ଭ କରିଥିଲେ । ମୋଶା ନୂନର ପୁତ୍ର ଯିହୋଶୂୟଙ୍କର ମସ୍ତକରେ ହସ୍ତାର୍ପଣ କରି ଈଶ୍ରାୟେଲର ନେତୃତ୍ୱର ଭାର ତାହାଙ୍କ ସ୍କନ୍ଧରେ ଥୋଇଲେ ।

ଈଶ୍ରାୟେଲୀୟମାନେ ସୀନ୍ଦେଶରେ ଉପସ୍ଥିତ ହେଲାବେଳେ ସେଠାରେ ଜଳ ନ ଥିଲା । ତହିଁରେ ସେମାନେ ସଦାପ୍ରଭୁ ଓ ସେମାନଙ୍କ ନାୟକ ମୋଶା ଓ ହାରୋଣ ବିରୁଦ୍ଧରେ ବିବାଦ କଲେ । ତହିଁରେ ମୋଶା ଓ ହାରୋଣ ସଦାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରିବାରୁ, ସଦାପ୍ରଭୁ କହିଲେ "ତୁମ୍ଭେ ଯଷ୍ଟି ନିଅ, ପୁଣି ତୁମ୍ଭେ ଓ ତୁମ୍ଭ ଭାଇ ହାରୋଣ ମଣ୍ଡଳୀକି ଏକତ୍ରକର, ଆଉ ତୁମ୍ଭେମାନେ ସେମାନଙ୍କ ଦୃଷ୍ଟିଗୋଚରରେ ସେହି ଶୈଳକୁ ଆପଣା ଜଳ ଦେବା ନିମନ୍ତେ ଆଜ୍ଞା ଦିଅ, ତହିଁରେ

ତୁମ୍ଭେ ସେମାନଙ୍କ ନିମନ୍ତେ ଶୈଳରୁ ଜଳ ବାହାର କରି ମଣ୍ଡଳୀକୁ ଓ ସେମାନଙ୍କ ପଶୁଗଣକୁ ପାନ କରାଇବ ।" (ଗଣନା ୨୦.୮) ।

ସଦାପ୍ରଭୁ ମୋଶାଙ୍କୁ ଶୈଳକୁ ଆଜ୍ଞା କରିବା ନିମନ୍ତେ ଆଜ୍ଞା ଦେଇଥିଲେ । କିନ୍ତୁ ମୋଶା ଇଶ୍ରାୟେଲମାନଙ୍କ ଉପରେ ବିରକ୍ତ ହୋଇ କ୍ରୋଧରେ ସେହି ଶୈଳକୁ ଦୁଇଥର ଆପଣା ଯଷ୍ଟିରେ ଆଘାତକଲେ । (ଗୀତ ୧୦୬:୩୩) । ଦୁହେଁଯାକ ସଦାପ୍ରଭୁଙ୍କ ବାକ୍ୟ ପବିତ୍ରବୋଲି ମାନ୍ୟ ନ କରିବାରୁ, ସଦାପ୍ରଭୁ ସେମାନଙ୍କୁ ଦଣ୍ଡ ଦେଇଥିଲେ । ମୋଶା ଓ ହାରୋଣ ସଦାପ୍ରଭୁଙ୍କ ବାକ୍ୟ ଅମାନ୍ୟ କରିବାରୁ ସେ ସେମାନଙ୍କୁ ପ୍ରତି-ଜ୍ଞାତ ଦେଶରେ ପ୍ରବେଶ ବାରଣ କଲେ ।

ମୋଶା ପ୍ରତିଜ୍ଞାତ ଦେଶ, ରମଣୀୟ ପର୍ବତ ଲିବାନାନ୍ ଦେଖିବା ନିମନ୍ତେ ସଦାପ୍ରଭୁଙ୍କ ଠାରେ ବିନତି କରିବାରୁ ସେ ସମ୍ମତ ନୋହିଲେ । ସେ ବିଷୟରେ ମୋଶା ଇଶ୍ରାୟେଲ ଗୋଷ୍ଠୀଙ୍କୁ କହିଲେ "ମାତ୍ର ସଦା ପ୍ରଭୁ ତୁମ୍ଭମାନଙ୍କ ସକାଶୁ ମୋ ଉପରେ କ୍ରୋଧକଲେ ଓ ମୋ କଥା ଶୁଣିଲେ ନାହିଁ, ଆଉ ସଦାପ୍ରଭୁ ମୋତେ କହିଲେ, ତୁମ୍ଭର ଯଥେଷ୍ଟ ହେଲଣି, ଏ ବିଷୟରେ ଆମ୍ଭକୁ ଆଉ କୁହ ନାହିଁ । ପିସ୍‌ଗାର ଶୃଙ୍ଗକୁ ଚଢିଯାଅ, ଆଉ ପଶ୍ଚିମ, ଉତ୍ତର, ଦକ୍ଷିଣ ଓ ପୂର୍ବ ଆଡେ ଅନାଇ ଦେଖ, ଓ ଆପଣା ଚକ୍ଷୁରେ ତାହା ନିରୀକ୍ଷଣ କର; କାରଣ ତୁମ୍ଭେ ଏହି ଯର୍ଦ୍ଦନ ପାରହୋଇ ଯିବ ନାହିଁ । ମାତ୍ର ଯିହୋଶୂୟକୁ ଆଜ୍ଞାଦିଅ ଓ ତାହାକୁ ବଳବାନ କରାଅ, କାରଣ ସେ ଏହି ଲୋକଙ୍କର ଆଗେ ଆଗେ ପାରହୋଇ ଯିବ, ପୁଣି ତୁମ୍ଭେ ଯେଉଁ ଦେଶ ଦେଖିବ, ତାହା ସେ ସେମାନଙ୍କୁ ଅଧିକାର କରାଇବ ।" (ଦ୍ୱିତୀୟ ବିବରଣ ୩:୨୧-୨୯)

ଦ୍ୱିତୀୟ ବିବରଣ ୩୪ ପର୍ବରେ ମୋଶା ନବୋ ପର୍ବତକୁ ଅର୍ଥାତ୍ ଯିରୀହୋ ସମ୍ମୁଖସ୍ଥିତ ପିସଗା-ଶୃଙ୍ଗ ଆରୋହଣ କରିବାର ବିବ-ରଣ ଲେଖାଯାଏ । ଇଶ୍ରାୟେଲୀୟମାନେ ଅଧିକାର କରୁଥିବା ଦେଶ ସଦା-

ପ୍ରଭୁ ତାହାଙ୍କୁ ସେଠାରୁ ଦେଖାଇ ଥିଲେ । ସେ ସମୟରେ ନ୍ୟୁକର
ଥିବା ପ୍ରଦେଶ ଚକ୍ଷୁଦ୍ୱାରା ନିରୀକ୍ଷଣ କରି ଅଧିକାର କରୁଥିଲେ ବୋଲି
ଅନେକ ଲେଖକଙ୍କ ମତ । ତାହା ହେଲେ ମହାନ ଭବବାଦୀଙ୍କ ଜୀବନ
ଉତ୍ତମଭାବେ ଶେଷହୋଇ ଥିଲା । ଏବ୍ରୀ ପୁସ୍ତକ କର୍ତ୍ତାଙ୍କ ଅନୁଯାୟୀ
ମୋଶା ଇହଜଗତର ପୁରସ୍କାର ଠାରୁ ସ୍ୱର୍ଗୀୟ ପୁରସ୍କାର ନିମନ୍ତେ
ଦୃଷ୍ଟିପାତ କରିଥିଲେ । ପ୍ରେରିତ ପାଉଲ ମଧ୍ୟ ସମଭାବ ଫିଲିପି ୧:୨୩
ପଦରେ ପ୍ରକାଶ କରିଛନ୍ତି । ମୋଶା ଆରମ୍ଭ କରିଥିବା କାମ ସମାପ୍ତ
ହେବା ଦେଖିବାକୁ ଇଚ୍ଛା କରିବା ସାଙ୍ଗେ ସାଙ୍ଗେ ସ୍ୱର୍ଗୀୟ ଗୃହରେ
ପ୍ରବେଶ କରିବା ନିମନ୍ତେ ଆକାଂକ୍ଷିତ ଥିଲେ ।

ମୋଶା "ସଦାପ୍ରଭୁଙ୍କ ବାକ୍ୟାନୁସାରେ" ମୃତ୍ୟୁ ଭୋଗିଲେ ବୋଲି
ଦ୍ୱିତୀୟ ବିବରଣ ୩୪:୫ ପଦରେ ଲେଖାଯାଏ । ପୁତ୍ର ଯେପରି ପିତାଙ୍କ
କୋଳରେ ସୁଖରେ ଶୟନ କରେ ସେପରି ମୋଶା ସ୍ୱର୍ଗସ୍ଥ ପରମ
ପିତାଙ୍କ କୋଳରେ ଶୟନ କଲେ ବୋଲି ଯିହୁଦୀୟଗୁରୁ ମନେକରନ୍ତି ।
ସଦାପ୍ରଭୁ ମୋୟାବ ଦେଶରେ ବୈତ୍‌ପିୟୋର ସମ୍ମୁଖସ୍ଥ ଉପତ୍ୟକାରେ
ତାହାଙ୍କୁ କବର ଦେଲେ, ମାତ୍ର ଆଜି ପର୍ଯ୍ୟନ୍ତ ତାଙ୍କର କବରସ୍ଥାନ
କେହି ଜାଣେ ନାହିଁ ।

ଚାଳିଶି ବର୍ଷ ବୟସ୍କ ମୋଶା ଇଶ୍ରାଯେଲର ନେତୃତ୍ୱ ଦୀର୍ଘ ଅଶୀ
ବର୍ଷ ବହନକରି, ଏକଶହ କୋଡ଼ିଏ ବର୍ଷ ବୟସରେ ମୃତ୍ୟୁଭୋଗିଲେ ।
ତାଙ୍କର ଚକ୍ଷୁ ଧୂମଳ ହୋଇ ନ ଥିଲା କିଅବା ତାଙ୍କର ସ୍ୱାଭାବିକ ବଳ
ହ୍ରାସ ପାଇ ନ ଥିଲା ବୋଲି ବାକ୍ୟରେ କୁହାଯାଇ ଅଛି । ଇଶ୍ରାଯେଲ
ମାନେ ସେମାନଙ୍କ ପ୍ରିୟ ନାୟକଙ୍କ ନିମନ୍ତେ ତିରିଶିଦିନ ରୋଦନକଲେ ।
ତତ୍ପରେ ନେତୃତ୍ୱର ଭାର ନୂନର ପୁତ୍ର ଯିହୋଶୂୟଙ୍କ ଉପରେ ପଡ଼ିଲା ।

ଯଦିଓ ମୋଶା ପ୍ରତିଜ୍ଞାତ ଦେଶରେ ପାଦ ପକାଇବାକୁ ଅନୁମତି
ପାଇ ନ ଥିଲେ । ତଥାପି ଆମ୍ଭମାନଙ୍କ ତ୍ରାଣକର୍ତ୍ତା ପ୍ରଭୁ ଯୀଶୁଙ୍କ ସହିତ
ରୂପାନ୍ତରିତ ହେବା ପର୍ବତରେ ସେ ଉପସ୍ଥିତ ହେଲେ । ଏହି ମହୋତ୍ତମ

ଭାବବାଣୀ ବିଷୟରେ ବାକ୍ୟ ଏହିପରି ସାକ୍ଷ୍ୟଦିଏ, "ପୁଣି ମୋଶା ସମସ୍ତ ବାହୁବଳ ଓ ମହାଭୟଙ୍କର ସେସବୁ କର୍ମ ସମସ୍ତ ଇଶ୍ରାୟେଲ ଦୃଷ୍ଟିରେ କରିଥିଲେ । ସେ ସବୁ ବିଷୟରେ ମୋଶାଙ୍କ ସଦୃଶ ଆଉ କୌଣସି ଭବିଷ୍ୟଦ୍‌ବକ୍ତା ସେହି ଦିନାବଧି ଇଶ୍ରାୟେଲ ମଧ୍ୟରେ ଉତ୍ପନ୍ନ ହୋଇ ନାହିଁ ।" (ଦ୍ୱିତୀୟ ବିବରଣ ୩୪:୧୨) ।

—Garyc Hamton

—*—

## ଶ୍ରେଷ୍ଠତମ ପୁସ୍ତକ

## ( GOD'S GREAT BOOK )

ବାଇବଲ ଈଶ୍ୱରଙ୍କ ଦତ୍ତ ବହୁମୂଲ୍ୟ ପୁସ୍ତକ । 'ବାଇବଲ' ବୋଲି ଏହି ପଦର ଅର୍ଥ ପୁସ୍ତକ । ଈଶ୍ୱରଙ୍କ ଦତ୍ତ ଏହି ପୁସ୍ତକ ମନୁଷ୍ୟଲିଖିତ ସମସ୍ତ ପୁସ୍ତକଠାରୁ ମୂଲ୍ୟବାନ । ଏହା ଦରିଦ୍ରମାନଙ୍କ ସମ୍ପଦ, ଭରସା ହୀନମାନଙ୍କ ଭରସା, କ୍ଷୁଧିତମାନଙ୍କ ଖାଦ୍ୟ, ବିନଷ୍ଟ ହେଉଥିବା ଆତ୍ମା-ମାନଙ୍କ ପଥ ପ୍ରଦର୍ଶକ । ଏହା ଖ୍ରୀଷ୍ଟ ଧର୍ମର ମୂଳ ଆଧାର ।

ପ୍ରକୃତରେ, ଏହି ମହାନ ପୁସ୍ତକର ନାମ ଈଶ୍ୱର ଦତ୍ତ ନୁହେଁ । କାରଣ ଏହି ନାମ ଆମ୍ଭେମାନେ ଏହି ପୁସ୍ତକର ଲିଖିତ ପୃଷ୍ଠାରେ ନପାଉଁ । ଏହା "ଈଶ୍ୱରଙ୍କ ବାକ୍ୟ" (ଏବ୍ରୀ ୪ : ୧୨) । "ଧର୍ମଶାସ୍ତ୍ର" (ଯୋହନ ୫ : ୩୯) ପ୍ରଭୃତି ବୋଲି ଉଲ୍ଲେଖିତ ହୋଇ ଅଛି ।

ଏହି ପୁସ୍ତକ ଅନ୍ୟ ପୁସ୍ତକ ସଦୃଶ୍ୟ ନୁହେଁ । ଏହା ଜୀବନ ବାକ୍ୟ ଅଟେ । ପବିତ୍ର ଆତ୍ମାଙ୍କ ପରିଚାଳନାରେ ମନୋନୀତ ଲୋକ-ମାନଙ୍କ ଦ୍ୱାରା ଏହା ଲିଖିତ ହୋଇ ଅଛି । ଯେପରି କି ଆମ୍ଭେମାନେ

ଈଶ୍ୱରଙ୍କ ସତ୍ୟ ବାକ୍ୟ ପାଇ ପାରୁଁ । ପ୍ରେରିତ ପାଉଲ ତୀମଥିଙ୍କୁ ଲେଖନ୍ତି, "ସମସ୍ତ ଶାସ୍ତ୍ର ଈଶ୍ୱର ନିଶ୍ୱସିତ ଏବଂ ଶିକ୍ଷା ଅନୁଯୋଗ, ସଂଶୋଧନ ଓ ଧାର୍ମିକତା ସମ୍ବନ୍ଧୀୟ ଶାସନ ନିମନ୍ତେ ଉପକାରୀ ।" ଯେପରି ଈଶ୍ୱରଙ୍କ ଲୋକ ସିଦ୍ଧ ହୋଇ ସମସ୍ତ ଉତ୍ତମ କାର୍ଯ୍ୟ ନିମନ୍ତେ ସୁସଜ୍ଜିତ ହୁଏ ।" (୨ୟ ତୀମଥି ୪ : ୧୬-୧୭)

ପ୍ରକୃତରେ, ବାଇବଲ ଏକ ମହାନ ଗ୍ରନ୍ଥାଳୟ । ଏହି ପୁସ୍ତକ ୬୬ ପୁସ୍ତକ ଗୁଡ଼ିକର ସମିଷ୍ଟି । ଏହି ପୁସ୍ତକଗୁଡ଼ିକ ଷୋହଳ ଶହ ବର୍ଷ ସମୟ ମଧ୍ୟରେ ଚାଳିଶିଲୋକଙ୍କ ଦ୍ୱାରା ଲିଖିତ ହୋଇଅଛି । ବାଇବଲକୁ ମୁଖ୍ୟତଃ ଦୁଇ ଭାଗରେ ବିଭକ୍ତ କରାଯାଏ । ପ୍ରଥମ ଭାଗ ପୁରାତନ ନିୟମ ଓ ଏହା ୩୯ ପୁସ୍ତକଗୁଡ଼ିକର ସମିଷ୍ଟି । ଦ୍ୱିତୀୟ ଭାଗ ନୂତନ ନିୟମ ଓ ଏହା ୨୭ ପୁସ୍ତକଗୁଡ଼ିକର ସମିଷ୍ଟି । ବାଇବଲର ପ୍ରଥମ ପାଞ୍ଚଟି ପୁସ୍ତକ—ଆଦିପୁସ୍ତକ, ଯାତ୍ରାପୁସ୍ତକ, ଲେବୀୟପୁସ୍ତକ, ଗଣନା-ପୁସ୍ତକ ଓ ଦ୍ୱିତୀୟ ବିବରଣ । ଏହି ପାଞ୍ଚ ପୁସ୍ତକ ବ୍ୟବସ୍ଥାପକ ମୋଶା ପବିତ୍ର ଆତ୍ମାଙ୍କ ଚାଳନାରେ ଲେଖିଥିଲେ । ଯିହୋଶୂୟ, ବିଚାରକର୍ତ୍ତା-ମାନଙ୍କ ବିବରଣ, ରୂତର ବିବରଣ, ପ୍ରଥମ ଓ ଦ୍ୱିତୀୟ ଶାମୁୟେଲ, ପ୍ରଥମ ଓ ଦ୍ୱିତୀୟ ରାଜାବଳୀ, ପ୍ରଥମ ଓ ଦ୍ୱିତୀୟ ବଂଶାବଳୀ, ଏଜ୍ରା, ନିହିମିୟା, ଏଷ୍ଟର ପୁସ୍ତକଗୁଡ଼ିକରେ, ଇଶ୍ରାୟେଲ ସନ୍ତାନମାନଙ୍କ ବନ୍ଦିତ୍ୱ ଅବସ୍ଥାରୁ ପ୍ରତିଜ୍ଞାତ ଦେଶରେ ପଦାର୍ପଣ କରିବା ସମୟ ପର୍ଯ୍ୟନ୍ତର ଇତିହାସ ଲିଖିତ ହୋଇ ଅଛି । ଆୟୁବ, ଗୀତ ସଂହିତା, ହିତୋ-ପଦେଶ, ଉପଦେଶକ, ପରମ ଗୀତ ଏହି ପାଞ୍ଚଟି ପୁସ୍ତକ ପଦ୍ୟମାଳା ରୂପେ ପରିଚିତ । ପୁରାତନ ନିୟମର ଅନ୍ୟ ପୁସ୍ତକ ଯିଶାଇୟଠାରୁ ମଲାଖି ଭବିଷ୍ୟତ୍ ବକ୍ତାମାନଙ୍କ ପୁସ୍ତକ । ଏହି ପୁସ୍ତକଗୁଡ଼ିକରେ ଯୀଶୁଙ୍କର ଆଗମନ ଓ ମଣ୍ଡଳୀର ସ୍ଥାପନ ବିଷୟକ ଅନେକ ଭାବବାଣୀ ପଢି ପାରିଥାଉଁ ।

ନୂତନ ନିୟମର ପ୍ରଥମ ଚାରିଟି ପୁସ୍ତକ ମାଥିଉ, ମାର୍କ, ଲୂକ ଓ ଯୋହନରେ ଯୀଶୁଖ୍ରୀଷ୍ଟଙ୍କ ଜୀବନ ଇତିହାସ ଲିଖିତ ହୋଇ ଅଛି ।

ଏହି ଚାରିଟି ପୁସ୍ତକକୁ ସୁସମାଚାର ବୋଲି କୁହାଯାଏ । ଈଶ୍ୱରଙ୍କ ବାକ୍ୟ ଲିଖିତ ହେବାର ଉଦ୍ଦେଶ୍ୟ ବିଷୟରେ ପ୍ରେରିତ ଯୋହନ ଲେଖନ୍ତି "ଯୀଶୁ ଶିଷ୍ୟମାନଙ୍କ ସାକ୍ଷାତରେ ଏହିପରି ଅନେକ ଓ ବିଭିନ୍ନ ପ୍ରକାର ଆଶ୍ଚର୍ଯ୍ୟକର୍ମ ସାଧନ କଲେ, ସେସବୁ ଏହି ପୁସ୍ତକରେ ଲେଖାହୋଇ ନାହିଁ, କିନ୍ତୁ ତୁମ୍ଭେମାନେ ଯେପରି ବିଶ୍ୱାସ କର ଯେ, ଯୀଶୁ ଈଶ୍ୱରଙ୍କ ପୁତ୍ର ଅଟନ୍ତି, ପୁଣି ବିଶ୍ୱାସ କରି, ଯେପରି ତୁମ୍ଭେମାନେ ତାହାଙ୍କନାମରେ ଜୀବନ ପ୍ରାପ୍ତ ହୁଅ, ଏଥିନିମନ୍ତେ ଏ ସମସ୍ତ ଲେଖାଯାଇଅଛି ।" (ଯୋହନ ୨୦ : ୩୦, ୩୧) । ସୁସମାଚାର ପରେ ପ୍ରେରିତମାନଙ୍କ କାର୍ଯ୍ୟର ବିବରଣର ପୁସ୍ତକ ଯାହାକି ଯୀଶୁଖ୍ରୀଷ୍ଟଙ୍କ ସ୍ୱର୍ଗାରୋହଣ ପରେ ପ୍ରେରିତମାନଙ୍କ କାର୍ଯ୍ୟର ଇତିହାସର ପୁସ୍ତକ । ପ୍ରଥମ ଶତାବ୍ଦୀରେ ଯୀଶୁଖ୍ରୀଷ୍ଟଙ୍କ ମଣ୍ଡଳୀର ସ୍ଥାପନ ଓ ଅଭିବୃଦ୍ଧି ବିଷୟକ ବିବରଣ ଏହି ପୁସ୍ତକରେ ପାଇ ପାରୁଥାଉଁ । ସମୁଦାୟ ଜଗତକୁ ଯାଇ ସୁସମାଚାର ପ୍ରଚାର କରିବା ନିମନ୍ତେ ଯୀଶୁଖ୍ରୀଷ୍ଟ ଯେଉଁ ଆଜ୍ଞା ଦେଇଥିଲେ, ତାହା ପ୍ରେରିତମାନେ କିପରି ନିର୍ବାହ କରିଥିଲେ ବର୍ଣ୍ଣିତ ହୋଇ ଅଛି । ନୂତନ ନିୟମରେ ପ୍ରେରିତମାନଙ୍କ କାର୍ଯ୍ୟର ବିବରଣର ପୁସ୍ତକ ପରେ ଏକୋଇଶି ପତ୍ରମାଳା ଅଛି । ଏଥି ମଧ୍ୟରୁ କେତୋଟି ବ୍ୟକ୍ତିଗତ ପତ୍ର ଓ କେତୋଟି ମଣ୍ଡଳୀଗୁଡ଼ିକ ଉଦ୍ଦେଶ୍ୟରେ ଲିଖିତ ହୋଇ ଥିଲା । ଏଥିମଧ୍ୟରୁ ୧୪ ପତ୍ର ପାଉଲଙ୍କ ଦ୍ୱାରା ଲିଖିତ । ଯୀଶୁଖ୍ରୀଷ୍ଟଙ୍କ ଭ୍ରାତା ଯାକୁବଙ୍କ ଏକ ପତ୍ର ଏହି ପତ୍ରମାଳାର ଅନ୍ତର୍ଭୁକ୍ତ । ପ୍ରେରିତ ପିତର ଦୁଇ ପତ୍ର ଓ ପ୍ରେରିତ ଯୋହନ ତିନୋଟି ପତ୍ର ମଧ୍ୟ ଏହି ବିଭାଗରେ ସ୍ଥାନ ପାଇ ଅଛି । ଯିହୁଦାଙ୍କ ଏକ ପତ୍ର ବିଶିଷ୍ଟ ଏକ ପତ୍ର ଏହି ପତ୍ରମାଳାର ଶେଷ ପତ୍ର । ପ୍ରକୃତ ଖ୍ରୀଷ୍ଟିୟାନ ଜୀବନ ଯାପନ ବିଷୟରେ ଆମ୍ଭମାନଙ୍କୁ ଏହି ପତ୍ରଗୁଡ଼ିକ ଦ୍ୱାରା ଈଶ୍ୱର ଶିକ୍ଷା ଦିଅନ୍ତି । ପ୍ରେରିତମାନଙ୍କ କାର୍ଯ୍ୟର ବିବରଣରେ ପୁସ୍ତକ ଦ୍ୱାରା ଆମ୍ଭେମାନେ କିପରି ପରିତ୍ରାଣ ପାଇ ପାରିବା ବ୍ୟକ୍ତ କରାଯାଇଛି, ଏବଂ ସେହି ପରିତ୍ରାଣ ଶେଷ ପର୍ଯ୍ୟନ୍ତ କିପରି ଧରି ରଖି ପାରିବା ଏହି ୨୧ ପତ୍ରମାଳା ଦ୍ୱାରା ଆମ୍ଭମାନଙ୍କୁ ସଚେତନ କରା-ଯାଇଅଛି । ନୂତନ ନିୟମର ଏକମାତ୍ର ଭବିବାଣୀର ପୁସ୍ତକର ନାମ

ହେଲ—ପ୍ରକାଶିତ ବାକ୍ୟ । ଏହା ଅଦ୍ଭୁତ ସାଂକେତିକ ଭାଷାରେ ଲିଖିତ ହୋଇ ଅଛି । ଯୀଶୁଖ୍ରୀଷ୍ଟ ଓ ତାହାଙ୍କ ମଣ୍ଡଳୀର ବିଜୟ ଭବିଷ୍ୟବାଣୀ ଏହି ପୁସ୍ତକ ଦ୍ୱାରା ଅଶିତପ୍ରଭାବ ତାଡିତ ହୋଇଥିବା ପ୍ରଥମ ଶତାବ୍ଦୀର ଖ୍ରୀଷ୍ଟିୟାନମାନଙ୍କୁ ସାଙ୍କେତିକ ଭାଷାରେ ଜଣାଇ ଦିଆଯାଇଥିଲା । ସୃଷ୍ଟିକର୍ତ୍ତା ପରମ ପିତାଙ୍କ ବାସସ୍ଥାନ ଆମ୍ଭମାନଙ୍କ ପ୍ରତ୍ୟେକ ଜଣଙ୍କ ଆକାଂକ୍ଷାର କାରଣ, ସେହି ସ୍ୱର୍ଗର ଏକ ସୁନ୍ଦର ବିବରଣ ଏହି ପୁସ୍ତକରେ ପଢିପାରୁ ଆଉଁ ।

ବାଇବଲ ଆମ୍ଭମାନଙ୍କ ଜୀବନର ଅମୂଲ୍ୟ ସମ୍ପଦ । ଯତ୍ନ ପୂର୍ବକ ଏହା ଅନୁସନ୍ଧାନ କର, ପ୍ରାର୍ଥନା ପୂର୍ବକ ଏହାର ଆଜ୍ଞାବହ ହେବା ଦ୍ୱାରା ଆମ୍ଭେମାନେ ଇହଲୋକ ଓ ପରଲୋକରେ ଆଶୀର୍ବାଦ ପ୍ରାପ୍ତ ହୋଇ ପାରିବା ।

—ROY BEASLEY

—*—

## ୧ । ଆଦିମାତା ହବା
## (Eve—Our Wayward Mother)

ସଦାପ୍ରଭୁ ପରମେଶ୍ୱର ସମସ୍ତ ସୃଷ୍ଟି ଆପଣା ବାକ୍ୟ ଦ୍ୱାରା ସୃଷ୍ଟି କରିବା ପରେ, ଆପଣା ପ୍ରତିମୂର୍ତ୍ତିରେ ମନୁଷ୍ୟକୁ ସୃଷ୍ଟି କଲେ । ପ୍ରାଣୀମାନଙ୍କ ମଧ୍ୟରେ ଉନ୍ନତତମ ସ୍ଥାନ ତଥା ଜ୍ଞାନ, ବୁଦ୍ଧି ଓ ବିବେକ ମନୁଷ୍ୟକୁ ପ୍ରଦାନ କଲେ । ଅନନ୍ତର ସଦାପ୍ରଭୁ ପରମେଶ୍ୱର ଆଦମଙ୍କୁ ଘୋର ନିଦ୍ରାଗ୍ରସ୍ତ କରାଇ, ପ୍ରଥମ ଅସ୍ତ୍ର ଚିକିତ୍ସା କରି, ଆଦମଙ୍କ ଖଣ୍ଡେ

ପଞ୍ଜର ନେଇ ସ୍ତ୍ରୀକୁ ସୃଷ୍ଟି କଲେ । ସେହି ସ୍ତ୍ରୀଙ୍କୁ ମନୋରମ ଏଦନ ଉଦ୍ୟାନକୁ ନେଇ, ସଦାପ୍ରଭୁ ପରମେଶ୍ୱର ଆଦମଙ୍କ ସହଧର୍ମିଣୀ କରି; ପ୍ରଥମ ବିବାହ କାର୍ଯ୍ୟ ସମ୍ପନ୍ନ କଲେ । ସେହି ପୁରୁଷ ଓ ସ୍ତ୍ରୀ ଆମ୍ଭମାନଙ୍କ ଆଦିପିତା ଆଦମ ଓ ଆମ୍ଭମାନଙ୍କ ଆଦିମାତା ହବା । ଈଶ୍ୱରଙ୍କ ବାକ୍ୟରେ ହବାଙ୍କର ରୂପ ବର୍ଣ୍ଣନା କରାଯାଇ ନାହିଁ, କିନ୍ତୁ ସୃଷ୍ଟିର ସୃଷ୍ଟିକର୍ତ୍ତା ଆପଣା ନିଜ ହସ୍ତରେ ହବାଙ୍କୁ କେତେ ସୁନ୍ଦର ଭାବେ ଗଢିଥିଲେ ତାହା ଆମ୍ଭେମାନେ କଳ୍ପନା କରିପାରୁ ! କୋମଳ, ସରଳ ଓ ରୂପବତୀ ହବାଙ୍କୁ ସଦାପ୍ରଭୁ ପରମେଶ୍ୱର ଏଦନ ଉଦ୍ୟାନକୁ ଆଣି ଆଦମଙ୍କ ସହିତ ବିବାହ କରିବା ଦ୍ୱାରା ଖ୍ରୀଷ୍ଟିୟ ପରିବାରର ମୂଳଦୁଆ ସ୍ଥାପନ କଲେ ।

## ପରମେଶ୍ୱର ଆପଣା ପ୍ରତିମୂର୍ତ୍ତିରେ ମନୁଷ୍ୟକୁ ସୃଷ୍ଟି କଲେ । ଆଦି ୧ : ୨୭)

କୌଣସି ମତ୍ସ୍ୟ ବା ମାଙ୍କଡ଼ ବିବର୍ତ୍ତନ ଦ୍ୱାରା ବର୍ତ୍ତମାନ ମନୁଷ୍ୟ ରୂପ ଧାରଣ କରିଛି, ଅଥବା ଭିନ୍ନ ଭିନ୍ନ ଜନ୍ମର ଭିନ୍ନ ରୂପ ମନୁଷ୍ୟ ଧାରଣ କରେ ବୋଲି ମନେ କରିବା ଠିକ୍ ନୁହେଁ । କାରଣ ସଦାପ୍ରଭୁ ପରମେଶ୍ୱର ଆପଣା ପ୍ରତିମୂର୍ତ୍ତିରେ ମନୁଷ୍ୟକୁ ସୃଷ୍ଟି କଲେ । ଅନ୍ୟ ପ୍ରାଣୀମାନଙ୍କୁ ନଥିବା ଜ୍ଞାନ, ବୁଦ୍ଧି, ବିବେକ, ଭଲମନ୍ଦ ଓ ସୁଖ ଦୁଃଖର ଅନୁଭବ କରିବାର ହୃଦୟ ସଦାପ୍ରଭୁ ମନୁଷ୍ୟକୁ ପ୍ରଦାନ କରି ଅଛନ୍ତି । ମନୁଷ୍ୟର ଏହିସବୁ ଗୁଣ ପରମେଶ୍ୱରଙ୍କଠାରୁ ଆସିଛି । ଯେପରି ଦାଉଦ କହନ୍ତି, "ମୁଁ ତୁମ୍ଭଙ୍କୁ ଧନ୍ୟବାଦ ଦେବି, କାରଣ ମୁଁ ଭୟଙ୍କର ଓ ଆଶ୍ଚର୍ଯ୍ୟ ନିର୍ମିତ; ତୁମ୍ଭର କର୍ମ ସକଳ ଆଶ୍ଚର୍ଯ୍ୟ; ଏହା ମୋ ପ୍ରାଣ ଭଲ ରୂପେ ଜାଣେ ।" (ଗୀତ ୧୩୯ : ୧୪) । ତେଣୁ କରି, ମନୁଷ୍ୟ କୌଣସି ଜୀବଜନ୍ତୁରୁ ପରିବର୍ତ୍ତିତ ନ ହୋଇ, ସଦାପ୍ରଭୁଙ୍କ ପ୍ରତିମୂର୍ତ୍ତିରେ ତାହାଙ୍କ ଦ୍ୱାରା ସୃଜିତ ।

## ୨ । ମନୁଷ୍ୟ ନିତ୍ୟଜୀବୀ :—

ସଦାପ୍ରଭୁ ପରମେଶ୍ୱର ଭୂମିର ଧୂଳି ଦ୍ୱାରା ମନୁଷ୍ୟକୁ ନିର୍ମାଣ କରି ତାହାର ନାସିକାରନ୍ଧ୍ରରେ ଫୁଙ୍କି ଦେଇ ପ୍ରାଣବାୟୁ ପ୍ରବେଶ କରାଇଲେ, ତହିଁରେ ସେ ଜୀବିତ ପ୍ରାଣୀ ହେଲା । (ଆଦି ୨ : ୭) ମୃତ୍ୟୁ ଦ୍ୱାରା ମନୁଷ୍ୟର ଆତ୍ମା, ଶରୀର ପରିତ୍ୟାଗ କରେ । ଶରୀର ଧୂଳିରୁ ନିର୍ମିତ ହୋଇ ଥିବାରୁ, ତାହା ଧୂଳିରେ ଲୀନ ହୋଇଯାଏ । ଆତ୍ମାଙ୍କ ଈଶ୍ୱରଙ୍କଠାରୁ ଆଗତ, ତେଣୁ ତାହା ଈଶ୍ୱରଙ୍କ ନିକଟକୁ ଫେରିଯାଏ । ମନୁଷ୍ୟ ଇହଲୋକରେ ଜୀବନ ଯାପନ କରିଥିବା ପ୍ରକାରେ ବିଚାରିତ ହେବ । ତେଣୁକରି, ମନୁଷ୍ୟର ଆତ୍ମା ନିତ୍ୟଜୀବୀ ।

## II ପରମେଶ୍ୱର ମନୁଷ୍ୟର ସମସ୍ତ ଅଭାବ ପୂରଣ କରନ୍ତି ।

"ମୋହର ଈଶ୍ୱର ଖ୍ରୀଷ୍ଟ ଯୀଶୁଙ୍କଠାରେ ତାହାଙ୍କର ଗୌରବମୟ ଐଶ୍ୱର୍ଯ୍ୟ ଅନୁସାରେ ତୁମ୍ଭମାନଙ୍କର ପ୍ରତ୍ୟେକ ଅଭାବ ପୂରଣ କରିବେ ।" (ଫିଲିପି ୪ : ୧୯) ଏହି ବାକ୍ୟ ପ୍ରତ୍ୟେକ ଖ୍ରୀଷ୍ଟିୟାନମାନଙ୍କୁ କେଡ଼େ ସାନ୍ତ୍ୱନା ଦିଏ ! ତାହାଙ୍କ ପ୍ରତିଜ୍ଞାନୁଯାୟୀ ସେ ଆଦମ ଓ ହବାଙ୍କର ପ୍ରତ୍ୟେକ ଅଭାବ ପୂରଣ କରି ଥିଲେ ।

୧ । ସଦାପ୍ରଭୁ ପରମେଶ୍ୱର ସେମାନଙ୍କ ନିମନ୍ତେ ଏକ ଗୃହ ନିର୍ମାଣ କଲେ । "ଆଉ ସଦାପ୍ରଭୁ ପରମେଶ୍ୱର ପୂର୍ବ ଦିଗସ୍ଥ ଏଦନରେ ଏକ ଉଦ୍ୟାନ ପ୍ରସ୍ତୁତ କରି ସେଠାରେ ସ୍ୱନିର୍ମିତ ମନୁଷ୍ୟକୁ ରଖିଲେ । ( ଆଦି ୨ : ୮ )

୨ । ମନୁଷ୍ୟ ନିଃସଙ୍ଗତା ପୂରଣ କରିବା ନିମନ୍ତେ ତାହାର ପାଇଁ ଏକ ସଙ୍ଗୀ ସୃଜିଲେ । "ଅନନ୍ତର ସଦାପ୍ରଭୁ ପରମେଶ୍ୱର କହିଲେ,

ମନୁଷ୍ୟ ଏକାକୀ ଥିବା ଭଲ ନୁହେଁ, ଆମ୍ଭେ ତାହା ନିମନ୍ତେ ତାହାର ଅନୁରୂପ ସହକାରିଣୀ ନିର୍ମାଣ କରିବା ।” (ଆଦି ୨ : ୧୮)

ଆଉ ସ୍ତ୍ରୀ ନିମନ୍ତେ ତ ପୁରୁଷର ସୃଷ୍ଟି ହେଲ ନାହିଁ, କିନ୍ତୁ ପୁରୁଷ ନିମନ୍ତେ ସ୍ତ୍ରୀର ସୃଷ୍ଟି ହେଲ । (୧ କରିନ୍ଥୀ ୧୧ : ୯) । ଖ୍ରୀଷ୍ଟ ଯେପରି ମଣ୍ଡଳୀର ମସ୍ତକ ସ୍ୱରୂପ, ପୁଣି ଖ୍ରୀଷ୍ଟ ଆପଣା ଶରୀର ରୂପ ମଣ୍ଡଳୀର ତ୍ରାଣକର୍ତ୍ତା । (ଏଫିସୀ ୫ : ୨୩) ପୁରୁଷକୁ ସାହାଯ୍ୟ କରିବା ନିମନ୍ତେ ସ୍ତ୍ରୀ ସୃଷ୍ଟି ହୋଇ ଥିଲ । “ଏ ମୋହର ଅସ୍ଥିର ଅସ୍ଥି ଓ ମାଂସର ମାଂସ” ବୋଲି କହିବାରେ ଆଦମ ହବାଙ୍କ ପ୍ରତି ଥିବା ମନୋଭାବ ଜାଣିପାରୁ । ଈଶ୍ୱରଙ୍କ ଉକ୍ତ ପ୍ରତ୍ୟେକ ମନୁଷ୍ୟ, ଆପଣା ୨ ସ୍ତ୍ରୀକୁ ସେହିପରି ଭାବେ ଗ୍ରହଣ କରିବା ଉଚିତ । (ଏଫିସୀ ୫:୨୫-୩୧)

ସଦାପ୍ରଭୁ ପରମେଶ୍ୱର ସେହି ଭୂମିରୁ ନାନା ଜାତୀୟ ସୁଦୃଶ୍ୟ ଓ ସୁଖାଦ୍ୟ ବୃକ୍ଷ, ପୁଣି ସେହି ଉଦ୍ୟାନର ମଧ୍ୟ ସ୍ଥାନରେ ଅମୃତ ବୃକ୍ଷ ଓ ସଦସତ୍ ଜ୍ଞାନଦାୟକ ବୃକ୍ଷ ଉତ୍ପନ୍ନ କଲେ । ( ଆଦି ୨ : ୯ ) । ଆମ୍ଭମାନଙ୍କର ପ୍ରତ୍ୟେକ ଶାରୀରିକ ଅଭାବ ସେ ପୂରଣ କରନ୍ତି ।

୩ । ଦୈବିକ ସହଭାଗିତାର ସୌଭାଗ୍ୟ, ଆମର ଆଦିପିତା ମାତା, ଆଦମ ଓ ହବା ପାଇ ପାରିଥିଲେ ।

୪ । ସଦାପ୍ରଭୁ ପରମେଶ୍ୱର ସେମାନଙ୍କୁ କର୍ମ ଯୋଗାଇ ଦେଇଥିଲେ । “ପୁଣି ସଦାପ୍ରଭୁ ପରମେଶ୍ୱର ସେହି ମନୁଷ୍ୟକୁ ନେଇ ଏଦନ ଉଦ୍ୟାନର କୃଷିକର୍ମ ଓ ରକ୍ଷା କରିବା ପାଇଁ ନିଯୁକ୍ତ କଲେ ।” (ଆଦି ୨:୧୫) ଏହି ବାକ୍ୟ ଦ୍ୱାରା ସଦାପ୍ରଭୁ, ମନୁଷ୍ୟ କର୍ମ କରିବାରେ ଇଚ୍ଛା କରନ୍ତି ବୋଲି ଜାଣିପାରୁ । ନିଃଉଦ୍‌ଯୋଗୀ ଓ ଅଳସପ୍ରିୟ ଲୋକେ ଅନେକ ପ୍ରକାରରେ ଦୁଷ୍ଟ ଅଭିଳାଷର ଦାସ ହୁଅନ୍ତି । (୧ମ ତୀମଥି- ୫ : ୧୩) । “......ନିଜ ୨ ହାତରେ କାର୍ଯ୍ୟ କରିବାକୁ ମର୍ଯ୍ୟାଦାର

ବିଷୟ ମନେକରେ ।" (୧ମ ଥେସ ୪ : ୧୧) । "........ଯେ କେହି କାର୍ଯ୍ୟ କରିବାକୁ ଇଚ୍ଛାକରେ ନାହିଁ, ସେ ଭୋଜନ ମଧ୍ଯ ନକରୁ ।" (୨ୟ ଥେସ ୩ : ୧୦) କର୍ମରେ ନିଯୁକ୍ତ ହୋଇ ରହିବା ଈଶ୍ବର ଦତ୍ତ ଆଶୀର୍ବାଦ ।

୫ । ସଦାପ୍ରଭୁ ପରମେଶ୍ବର ପାଳନ କରିବା ନିମନ୍ତେ ସେମାନଙ୍କୁ ଗୋଟିଏ ଆଜ୍ଞା ଦେଇଥିଲେ । "ସଦାପ୍ରଭୁ ପରମେଶ୍ବର ମନୁଷ୍ୟକୁ ଆଜ୍ଞା ଦେଇ କହିଲେ, ତୁମ୍ଭେ ଉଦ୍ୟାନର ସମସ୍ତ ବୃକ୍ଷର ଫଳ ସ୍ବଚ୍ଛନ୍ଦରେ ଭୋଜନ କରି ପାର, ମାତ୍ର ସଦସତ୍ ଜ୍ଞାନଦାୟକ ବୃକ୍ଷର ଫଳ ଭୋଜନ କରିବ ନାହିଁ; ଯେହେତୁ ଯେଉଁ ଦିନ ତାହା ଖାଇବ ସେହି ଦିନ ନିତାନ୍ତ ମରିବ । (ଆଦି ୨ : ୧୬,୧୭) ଭଲ ଓ ମନ୍ଦ ମଧ୍ୟରେ ପାର୍ଥକ୍ୟ ବୁଝିବାର ଶକ୍ତି ଓ ଈଶ୍ବରଙ୍କ ଆଜ୍ଞାବହ ହେବାର ବିବେକ ବ୍ୟତିତ ମନୁଷ୍ୟ ଅନ୍ୟ ପ୍ରାଣୀମାନଙ୍କ ସଦୃଶ୍ୟ ହୋଇ ଥାନ୍ତା । ଈଶ୍ବରଙ୍କ ଅନାଜ୍ଞାବହ ପ୍ରତ୍ୟେକ ମନୁଷ୍ୟ ମୃତ୍ୟୁ ଭୋଗିବେ, ସେହି ମରଣ ଆତ୍ମିକ ମରଣ ।

## III ଈଶ୍ବରଙ୍କ ଆଜ୍ଞା ଅତିକ୍ରମ କରି ହବା ଶୟତାନର ଅଧିନ ହେଲା ।

ଆୟୁବ ୧ : ୭ ପଦ ଓ ୧ମ ପିତର ୫ : ୮ ଏହାନୁଯାୟୀ ଶୟତାନ ପୃଥିବୀରେ ଏଣେତେଣେ ଭ୍ରମଣ ଓ ତହିଁ ମଧ୍ୟରେ ଗମନାଗମନ କରୁଥିବା ବ୍ୟକ୍ତି । ଶୟତାନ ଦୁଇ ପ୍ରକାର ଭାବେ ହବାକୁ ଆପଣା ଅଧିନ କରି ପାରିଥିଲ ।

"ସେ ନାରୀଙ୍କି କହିଲା; ଆଗୋ, ଏ କି ସତ୍ୟ ଉଦ୍ୟାନର କୈାଣସି ବୃକ୍ଷର ଫଳ ଖାଇବାକୁ ପରମେଶ୍ବର ତୁମ୍ଭମାନଙ୍କୁ ନିଷେଧ କରି ଅଛନ୍ତି ?" [ଆଦି ୩:୧] ପରମେଶ୍ବରଙ୍କ ଆଜ୍ଞା ଅବଜ୍ଞା କରିବାର ଫଳ, ଶୟତାନ ହବାକୁ ନ ବୁଝାଇ, ତାହା ଅବଜ୍ଞା କରିବା ପାଇଁ

ସୁଃଖ ମିଳିବାର ମିଥ୍ୟା ପ୍ରତିଜ୍ଞା କରିଥିଲା । ସେହି ପୂର୍ବକାଳରୁ ବର୍ତ୍ତମାନ ଯୁଗ ପର୍ଯ୍ୟନ୍ତ, କ୍ଷଣିକ ସୁଖର ଅଭିଳାଷି ହୋଇ ମନୁଷ୍ୟ ଶୟତାନର ଦାସ ହୋଇ ଅଛି ।

୨ । ପରମେଶ୍ୱରଙ୍କ ଆଜ୍ଞା ଅବଜ୍ଞା କରିବା ନିମନ୍ତେ ଶୟତାନ ହବାକୁ ଉତ୍ସାହିତ କଲା । ହବା ଶୟତାନର ଦୁଃପ୍ରେରଣା ଫଳରେ ଈଶ୍ୱର ନିଷେଧିତ ଫଳ ଆଗେ ଖାଇ, ଆପଣା ସ୍ୱାମୀଙ୍କୁ ଖୁଆଇଲେ । [ଆଦି ୩ : ୩-୬] ସେ ନିଜେ ଫଳ ଖାଇ ପାପ କଲେ ଓ ଆପଣା ସ୍ୱାମୀଙ୍କୁ ଅଜ୍ଞା ଅବଜ୍ଞା କରିବାର କାରଣ ହେଲେ । [ ଆଦି ୩ : ୬ ] ସେ ପରମେଶ୍ୱରଙ୍କ ଆଜ୍ଞା ଅବଜ୍ଞା ଦ୍ୱାରା ପାପ କରି, ଶୟତାନକୁ ନିନ୍ଦା କରିବା ଆମ୍ଭେମାନେ ଆଦି ୩ : ୧୬ ପଢ଼ିପାରୁ । ଶାରିରୀକ ଅଭିଳାଷ ଚକ୍ଷୁର ଅଭିଳାଷ ଓ ଲୌକିକ ଗର୍ବ, ଏହି ତିନୋଟି ଦ୍ୱାରା ଶୟତାନ ହବାକୁ ଆପଣା ଅଧିନ କଲା । [୧ମ ଯୋହନ ୨ : ୧୫-୧୬]

## IV ଆଦମ ହବାଙ୍କର ପାପର ଫଳ

୧ । ସଦାପ୍ରଭୁ ପରମେଶ୍ୱର ଆପଣା ମନୋରମ ଏଦନ ଉଦ୍ୟାନରୁ ସେମାନଙ୍କୁ ବାହାର କରି ଦେଲେ । [ଆଦି ୩: ୨୨-୨୪]

୨ । ପରମେଶ୍ୱର ଆଦମ ଓ ହବାଙ୍କୁ "ପ୍ରଜାବନ୍ତ ଓ ବହୁବଂଶ ହୁଅ, ପୁଣି ପୃଥିବୀ କି ପରିପୂର୍ଣ୍ଣ କରି ବଶୀଭୂତ କର" ବୋଲି ଆଶୀର୍ବାଦ କରିଥିଲେ । ହବାଙ୍କର ପାପ ଫଳରେ ସେହି ଆଶୀର୍ବାଦରେ ପ୍ରସବ ବେଦନା ରୂପ ବ୍ୟଥା ଯୋଗ ହେଲା । [ ଆଦି ୧ : ୨୮ ଏବଂ ୩ : ୧୬ ]

୩ । ମନୁଷ୍ୟର ପାପ ଫଳରେ ଭୂମି ଶାପଗ୍ରସ୍ତ ହେଲା । ତହିଁରେ କଣ୍ଟା ଓ ଗୋଖରୁ ଗଛ ଜାତ ହେଲା । [ଆଦି ୩ : ୧୭,୧୮].

୪ । "ତୁମ୍ଭେ ଯେଉଁ ମୃତ୍ତିକାରୁ ସୃଷ୍ଟ ହେଲ, ତହିଁରେ ନ ମିଶିବା ପର୍ଯ୍ୟନ୍ତ ମୁଖର ଝାଳରେ ଆହାର କରିବ" । [ ଆଦି ୩ : ୧୯ ] ବୋଲି ସଦାପ୍ରଭୁ ପୁରୁଷଙ୍କୁ ଶାପ ଦେଲେ । ଏଦନ ଉଦ୍ୟାନରେ

ପରମେଶ୍ୱର ମନୁଷ୍ୟକୁ କୃଷିକର୍ମ ଓ ଗୃଷ କରିବା ନିମନ୍ତେ ନିଯୁକ୍ତ କର ଥିଲେ, ପାପର ଫଳରେ ମନୁଷ୍ୟ କଷ୍ଟ କର ଆହାର ଉତ୍ପାଦନ କରିବା ନିମନ୍ତେ ସ୍ଥାପିତ ହେଲା ।

୫ । "ତୁମେ ଧୂଳି ଓ ଧୂଳିରେ ପୁନର୍ବାର ମିଶିଯିବ" ବୋଲି ସଦାପ୍ରଭୁ ପରମେଶ୍ୱର ମନୁଷ୍ୟଙ୍କୁ ଅଭିଶାପ ଦେଲେ । ଆଦମ ଓ ହବାଙ୍କ ପାପ ଫଳରେ ଏହି ଶାରୀରିକ ମରଣ ସମସ୍ତ ମନୁଷ୍ୟ ଜାତି ଉପରେ ଆସିଲା । ଯେ କୌଣସି ବ୍ୟକ୍ତି ପ୍ରକୃତ ଆତ୍ମିକ ଜୀବନ ଯାପନ କରେ, ସେ ଶାରୀରିକ ମୃତ୍ୟୁ ଭୋଗିଲେ, ତାହାଁ ଆତ୍ମା ସଦାପ୍ରଭୁଙ୍କ ନିକଟରେ ନିତ୍ୟଜୀବ ।

## V ଜୀବନ ସମସ୍ୟା

ଜନ୍ମ [ଆଦି ୪ : ୧] । କୟିନର ଜନ୍ମରେ ଆଦମ କହିଲେ "ସଦାପ୍ରଭୁଙ୍କ ସାହାଯ୍ୟରେ ମୋର ଏକ ନରଲାଭ ହୋଇ ଅଛି ।" ପୃଥିବୀରେ ପ୍ରଥମ ଶିଶୁର ଜନ୍ମରେ ଆଦିପିତା ଓ ମାତା କେତେ ଆଶ୍ଚର୍ଯ୍ୟ ଓ ଆନନ୍ଦିତ ହୋଇଥିବେ । ଏହିପରି ଆଶ୍ଚର୍ଯ୍ୟ କର୍ମ କେବଳ ଈଶ୍ୱରଙ୍କ ଜ୍ଞାନ ଦ୍ୱାରା ସାଧ୍ୟ ।

୨ । ପାପର ବେତନ ମୃତ୍ୟୁ । ମରଣର ନିଷ୍ଠୁର ସତ୍ୟ ଆଦିପିତା ଓ ମାତା ଆପଣା ପ୍ରଥମ ପୁତ୍ରର ମୃତ୍ୟୁରେ ଶିଖି ପାରିଥିଲେ । [ଆଦି- ୪ : ୮] । ଆପଣା ଭାଇ ହେବଲଙ୍କୁ ଈର୍ଷାରେ କୟିନ ବଧ କଲା । ହେବଲଙ୍କ ମରଣ ଦ୍ୱାରା ପାପର ଫଳ କେତେ ତିକ୍ତ ସେମାନେ ଅନୁ- ଭବ କରି ପାରିଥିଲେ । ତାହା କେବଳ ସେମାନଙ୍କର ପାପର ଫଳ ।

୩ । ପାପର ପରିମାଣ କେବଳ ଦୁଃଖ, କଷ୍ଟ ଓ ଭୟ ବୋଲି ଆଦିପିତା ମାତା ଜାଣି ପାରିଥିଲେ । ଆଦି ୩:୧୦ ପଦରେ ସେମାନେ ସଦାପ୍ରଭୁ ପରମେଶ୍ୱରଙ୍କ ସମ୍ମୁଖରୁ ଉଦ୍ୟାନସ୍ଥ ବୃକ୍ଷଗଣ ମଧ୍ୟରେ ଲୁଚିଲେ ବୋଲି ଲେଖାଯାଏ । [ଗୀ. ସଂ ୫୧ : ୧୩, ୭୩ : ୧୯, ୩୯ : ୩୯] । ଈଶ୍ୱରଙ୍କ ଆଜ୍ଞା ପାଳନ କରିବା ଆନନ୍ଦଦାୟକ କିନ୍ତୁ ଲଙ୍ଘନ କରିବା ଦୁଃଖଦାୟକ ।

## VI ପରମେଶ୍ୱରଙ୍କ ଦ୍ୱାରା ପରିତ୍ରାଣର ପ୍ରତିଜ୍ଞା

୧ । ସ୍ତ୍ରୀ ଦ୍ୱାରା ଜଗତରେ ପାପ ପ୍ରବେଶ କଲା । ସ୍ତ୍ରୀ ଗର୍ଭରୁ ପରିତ୍ରାଣ କର୍ତ୍ତା ଜନ୍ମିଲେ । ଶୟତାନ ଦ୍ୱାରା ମନୁଷ୍ୟ ଓ ପରମେଶ୍ୱରଙ୍କ ମଧ୍ୟରେ ବୈରିଭାବ ଆସିଲା । [ଆଦି ୩ : ୧୫] ସ୍ତ୍ରୀ ଗର୍ଭଜାତ ତ୍ରାଣ-କର୍ତ୍ତା ପ୍ରଭୁ ଯୀଶୁଖ୍ରୀଷ୍ଟ, ଜଗତର ପାପ ମୋଚନ ନିମନ୍ତେ ଶାରିରୀକ ମୃତ୍ୟୁ ଭୋଗିଲେ । ସମାଧିରୁ ସଜୀବ ହୋଇ ଶୟତାନର ମସ୍ତକକୁ ଆଘାତ କରି, ମୃତ୍ୟୁର ନାଳ୍ପତ ଭାଙ୍ଗିଲେ । ଯେ କେହି ଯୀଶୁଖ୍ରୀଷ୍ଟଙ୍କ ଆଜ୍ଞା ପାଳନ କରନ୍ତି ସେମାନେ ପରିତ୍ରାଣ ପ୍ରାପ୍ତ ହୁଅନ୍ତି ।

୨ । ସୃଷ୍ଟି, ପତନ ଓ ବିମୋଚନ ଏହା ବାଇବଲର ସାରାଂଶ । ଏହା ଏକ ସୁନ୍ଦର ପ୍ରେମ କାହାଣୀ । ପଥଭ୍ରଷ୍ଟ ସନ୍ତାନମାନଙ୍କୁ ପୁନ-ରୁଦ୍ଧାରଣର ଏକ ସୁନ୍ଦର ଯୋଜନା । ଏଦନ ଉଦ୍ୟାନରେ ହରାଇଥିବା ଜୀବନବୃକ୍ଷର ଫଳ ଆମ୍ଭେମାନେ କେବଳ ପାରଦୀଶରେ ଖାଇ ପାରିବା [ପ୍ରକାଶିତ ୨ : ୭] । ପାରଦୀଶରେ ମରଣ, ଦୁଃଖ ଅଶ୍ରୁ ଆଉ ରହିବ-ନାହିଁ । ଯେପରି ଲେଖାଯାଏ, "ଆଉ ମୁଁ ସିଂହାସନ ମଧ୍ୟରୁ ଗୋଟିଏ ମହାଶବ୍ଦ ଏହା କହିବାର ଶୁଣିଲି, ଦେଖ ମନୁଷ୍ୟମାନଙ୍କ ମଧ୍ୟରେ ଈଶ୍ୱରଙ୍କ ବାସସ୍ଥାନ ଅଛି । ସେମାନଙ୍କ ସହିତ ବାସ କରିବେ, ଆଉ ସେମାନେ ତାହାଙ୍କ ଲୋକ ହେବେ, ପୁଣି ଈଶ୍ୱର ସ୍ୱୟଂ ସେମାନଙ୍କ ସହିତ ବାସ କରିବେ, ଓ ସେମାନଙ୍କ ଚକ୍ଷୁରୁ ଅଶ୍ରୁଜଳ ପୋଛି ଦେବେ, ମୃତ୍ୟୁ ଆଉ ଘଟିବ ନାହିଁ । ଶୋକ କି କ୍ରନ୍ଦନ କି ବ୍ୟଥା ଆଉ ରହିବନାହିଁ, କାରଣ ପୂର୍ବ ବିଷୟ ସବୁ ଲୋପ ପାଇ ଅଛି ।"

[୨୧ : ୩-୪]

—❋—

Printed at : Sangharsa Printing Works
Nabarangpur—764 059. (Orissa)

## DID YOU KNOW ?

★ The church of Christ is promised, prophesied, revealed and described in the Bible.

★ The church of Christ exalts Christ as the ONLY head of the church. Ephesians 5:23; Colossians 1:18.

★ The church of Christ has no rule book but the Bible. It strives to speak where the Bible speaks and to be silent where it is silent. I Corinthians 4:6; II Timothy 3:16, 17; I Peter 4:11; II John 9.

★ The church of Christ is organized according to the teaching of the New Testament. It has no earthly organization above the local congregation and each congregation is organically independent. Each congregation is overseen by elders (also referred to in the Bible as bishops, pastors, presbyters, shepherds) with deacons and evangelists serving under their oversight. Acts 14:23; 20:17, 28; Ephesians 4:11; Philippians 1:1; I Timothy 3:1-13; Hebrews 13:17; IPeter 5:1-4.

★ The church of Christ preaches the same gospel and teaches the same plan of salvation based upon the grace of God as taught by the apostles. Romans 1:16.

This plan includes :

Faith in Christ. Mark 16:16; Acts 16:31

Repentance of sins. Acts 2:38; 17:30

Confession of faith in Christ. Matthew 10:32; Romans 10:10

Baptism. Mark 16:16; Acts 2:38; 22:16; Galatians 3:27; penitent believer to wash away his sins. Mark 16:16; Acts 2:38; 8:38, 39; 22:16; Romans 6:3, 4; Colossians 2:12; Ephesians 4:5)

★ The church of Christ worships according to the New Testament pattern. John 4:23,24.

This worship consists of :

Singing without the use of man-made instruments of

music. Ephesians 5:19; Colossians 3:16.

Praying to God. Acts 2:42

Observing the Lord's Supper each first day of the week. Acts 2:42; 20:7; I Corinthians 11:23-30

Giving. I Corinthians 16:1,2; II Corinthians 9:7

Teaching God's Word. Acts 2:42 ;I Timothy 3:15; II Timothy 4:1-2

★ The church of Christ pleads for unity of all believers in Christ and believes unity can be attained. John 17:20, 21; I Corinthians 1:10-13; Ephesians 4:3-6.

★ The church of Christ is not a denomination but simply the body of Christ to which the Lord adds the baptized believers who have been saved from their past sins. Acts 2:47; Colossians 1:18.

VISIT THE CHURCH OF CHRIST
IN YOUR COMMUNITY

---

From

**SATYA VANI**
P.O. Box 80
KAKINADA - 533 001
A.P. 533 001

Printed Book only

To

(FOR PRIVATE CIRCULATION ONLY)